## ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ।

## Preparatory meeting for organization of youth festival.

## ଅନୁଷ୍ଠିତ ହେବ ସାଂସ୍କୃତିକ ଶୋଭାଯାତ୍ରା ।

ଯୁବ ଗୋଷ୍ଠୀ ମଧ୍ୟରେ ଥିବା ବିଭିନ୍ନ କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବା ନିମନ୍ତେ କ୍ରୀଡା ଓ ଯୁବ ସେବା ବିଭାଗ ଦ୍ୱାରା ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଚଳିତ ମାସ ୧୩ ଓ ୧୪ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଏହି ଉତ୍ସବକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁ ତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ବ୍ଲକ ସ୍ତରରୁ କିପରି ଯୁବ ପ୍ରତିଯୋଗୀମାନେ ଅଧିକ ସଂଖ୍ୟାରେ ଯୋଗ ଦେଇପାରିବେ ସେଥିପାଇଁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ବିଶେଷ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଚଳିତ ମାସ ୧୩ତାରିଖରେ ସଭାଘର ପରିସରରେ ୧୫ରୁ ୩୫ ବର୍ଷ ଯୁବ ପ୍ରତିଯୋଗୀଙ୍କ ମଧ୍ୟରେ ଗିଟାର, ବଂଶୀ, ତାବଲା, ହାରମୋନିଅମ, ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ଓ ବକ୍ତୃତା(ହିନ୍ଦି ଓ ଇଂରାଜୀ) ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ୧୪ ତାରିଖରେ ଦଳଗତ ଲୋକନୃତ୍ୟ,

ଲୋକ ସଂଗୀତ, ଓଡିଶୀ ନୃତ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ୧ମ, ୨ୟ ଓ ୩ୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ । ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନିତ କରାଯିବ । ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ପାଳନ ଅବସରରେ ୧୪ ତାରିଖରେ ଏକ ସାଂସ୍କୃତିକ ଶୋଭାଯାତ୍ରା ଅଂଶଗ୍ରହଣକାରୀ କଳାକାରମାନଙ୍କ ଦ୍ୱାରା ଅନୁଷ୍ଠିତ ହେବ । ପ୍ରତିଯୋଗୀମାନେ ନିଜ ସାଥିରେ ସେମାନଙ୍କର ଜନ୍ମ ତାରିଖ ପ୍ରମାଣ ପତ୍ର ଓ ଆଧାର କାର୍ଡ ଆଣିବେ । ଦଳଗତ ପ୍ରତିଯୋଗିତା ନିମନ୍ତେ ପ୍ରତି ବ୍ଲକରୁ ପ୍ରତ୍ୟେକ ପ୍ରତିଯୋଗିତା ପାଇଁ ଗୋଟିଏ ଲେଖାଏଁ ଦଳକୁ ସୁଯୋଗ ଦିଆଯିବ । ବ୍ଲକ୍ ସ୍ତରୀୟ ପ୍ରତିଯୋଗୀମାନଙ୍କୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାକୁ ଆଣିବାର ଦାୟିତ୍ୱ ବ୍ଲକ୍ କଳା ସଂସ୍କୃତି ସଂଘର ଉପ-ସଭାପତିମାନଙ୍କୁ ଦିଆଯାଇଛି । ପ୍ରାରମ୍ଭରେ ଜିଲ୍ଲା କ୍ରିଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ ଏହି ଯୁବ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ, ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଂଜନ ସାହୁ ଓ ଜିଲ୍ଲା କଳା ସଂସ୍କୃତି ସଂଘର ଉପ-ସଭାପତି ଶ୍ରୀ ଶିବ ପ୍ରସାଦ ଦ୍ୱିବେଦୀଙ୍କ ସମେତ କ୍ରୀଡା ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।